www.prepp.in

Prepp
Your Personal Exams Guide



C-AVZ-O-NQLB

CS (Main) Exam:2015

# ORIYA

## Paper—II

## (Literature)

*Time Allowed : Three Hours* | *Maximum Marks : 250*

**QUESTION PAPER SPECIFIC INSTRUCTIONS**

**Please read each of the following instructions carefully before attempting questions :**

There are **EIGHT** questions divided in **Two Sections**.

Candidate has to attempt **FIVE** questions in all.

Question Nos. **1** and **5** are compulsory and out of the remaining, **THREE** are to be attempted choosing at least **ONE** from each Section.

The number of marks carried by a question/part is indicated against it.

Answers must be written in **ORIYA**.

Word limit in questions, wherever specified, should be adhered to.

Any page or portion of the page left blank in the answer book must be clearly struck off.

Attempts of questions shall be counted in sequential order. Unless struck off, attempt of a question shall be counted even if attempted partly.

---

## SECTION—A

**Q.1. ନିମ୍ନ ପ୍ରଦତ୍ତ ବିଷୟରେ ସଂକ୍ଷିପ୍ତ ଆଲୋଚନା କର । (ପ୍ରତ୍ୟେକ ଆଲୋଚନା 150 ଶବ୍ଦ ମଧ୍ୟରେ ଲେଖିବାକୁ ହେବ ।)** **10×5=50**

Q. 1(a) ସମାଜକୁ ଶୃଙ୍ଖଳିତ ଓ ସଂଯତ କରିବା ସହ ସୁନ୍ଦର ଓ ଶୁଦ୍ଧପୂତ ଆଚରଣର ବାର୍ତ୍ତା ପ୍ରସାର ଲାଗି ସାରଳା ମହାଭାରତ କେତେଦୂର ସଫଳ ହୋଇପାରିଛି ତାହା 'ଶାନ୍ତିପର୍ବ' ଅବଲମ୍ବନରେ ବିଚାର କର । 10

Q. 1(b) 'କର୍ମ କରଷଣ ଦେହ ସହେ, ଅରଣ୍ୟେ ଅଜଗର ପ୍ରାୟେ'ର ପ୍ରାସଙ୍ଗିକତା ଭାଗବତର ପଠିତାଂଶକୁ ଭିତ୍ତି କରି ବିଶ୍ଳେଷଣ କର । 10

Q. 1(c) ଶ୍ରୀକୃଷ୍ଣଙ୍କ ସମ୍ମୁଖରେ ଗୋପୀମାନଙ୍କର ହୃଦୟର ବେଦନା କିପରି ଉଦ୍ଧବଙ୍କ ଦ୍ୱାରା ବର୍ଣ୍ଣିତ ହୋଇଛି - ବିଚାର କର । 10

Q. 1(d) ପାଶ୍ଚାତ୍ୟ କଥାବସ୍ତୁକୁ ଆମ ଉତ୍କଳର ପରମ୍ପରା ଓ ପ୍ରସିଦ୍ଧିରେ କବି ରାଧାନାଥ କିପରି ମହିମାମଣ୍ଡିତ କରିଛନ୍ତି ଆଲୋଚନା କର । 10

Q. 1(e) 'ଜୀବନ ଚିତା' ଅବଲମ୍ବନରେ ଇଶ୍ୱରଙ୍କ ନିକଟରେ ଭକ୍ତର ଅଭିମାନ କିପରି ବ୍ୟକ୍ତ ହୋଇଛି ଆଲୋଚନା କର । 10

www.prepp.in

**Q.2. ନିମ୍ନ ପ୍ରଦତ୍ତ ବିଷୟରେ ଆଲୋଚନା କର ।**

Q. 2(a) ସାରଳା ଦାସଙ୍କ ପାଣ୍ଡିତ୍ୟ ମହାଭାରତର 'ଶାନ୍ତିପର୍ବ' ଅବଲମ୍ବନରେ ବିଶ୍ଳେଷଣ କର । 20

Q. 2(b) ସାଙ୍ଗୀତିକତା, ପଦଲାଳିତ୍ୟ ଓ ଅପୂର୍ବ କାବ୍ୟଶୈଳୀରେ ରସକଲ୍ଲୋଳର ସ୍ୱାତନ୍ତ୍ର୍ୟ ନିହିତ – ବିଚାର କର । 15

Q. 2(c) ଲୋକ ଉପାଦାନର ପ୍ରୟୋଗ କବିତାର ଆତ୍ମିକ ଅଭିବ୍ୟକ୍ତିକୁ ଅଧିକ ଭାବଗର୍ଭକ ଓ ପ୍ରଭାବଶାଳୀ କରିଛି – 'କବିତା 1962' ଅବଲମ୍ବନରେ ପ୍ରତିପାଦନ କର । 15

**Q.3. ନିମ୍ନ ପ୍ରଦତ୍ତ ବିଷୟରେ ଆଲୋଚନା କର ।**

Q. 3(a) 'ବିଷବୃକ୍ଷ ସ୍ଥାପି ନାଶ କରିବାର ଦୋଷ,
ଏ ସଂସାର ଆମ୍ଭ ଖେଳଘରର ସଦୃଶ ହୋ' – 'ଲାବଣ୍ୟବତୀ'ର ପଠିତାଂଶ ଅବଲମ୍ବନରେ ଯଥାର୍ଥତା ପ୍ରତିପାଦନ କର । 20

Q. 3(b) 'ଜୀବନ ଚିତା' ଅବଲମ୍ବନରେ କବି ମାୟାଧର ମାନସିଂହଙ୍କ ଜୀବନାଦର୍ଶର ପରିଚୟ ପ୍ରଦାନ କର । 15

Q. 3(c) ମୃତ୍ୟୁଚେତନା ଓ ମୃତ୍ୟୁବୋଧରୁ ଅମୃତ ଅନୁସନ୍ଧାନର ଆକାଂକ୍ଷା 'ସପ୍ତମ ଋତୁ' ଗ୍ରନ୍ଥ ଅନୁସରଣରେ ଅନୁଶୀଳନ କର । 15

**Q.4. ନିମ୍ନ ପ୍ରଦତ୍ତ ବିଷୟରେ ଆଲୋଚନା କର ।**

Q. 4(a) ପ୍ରକୃତି, ଆଧ୍ୟାତ୍ମିକତା, ଆତ୍ମା ଓ ପରମାତ୍ମା ଆଦିର ସମନ୍ୱୟରେ ଭାଗବତ ଗ୍ରନ୍ଥର ମହତ୍ତ୍ୱ ପ୍ରତିପାଦିତ – ଆଲୋଚନା କର । 20

Q. 4(b) 'ଲାବଣ୍ୟବତୀ'ର ପ୍ରଥମ ଛାନ୍ଦରେ ପ୍ରତିଫଳିତ ରୀତିଯୁଗୀୟ କାବ୍ୟାଦର୍ଶ – ଆଲୋଚନା କର । 15

Q. 4(c) 'ଚନ୍ଦ୍ରଭାଗା' ଅବଲମ୍ବନରେ କବିଙ୍କର ରୂପ ଓ ପ୍ରକୃତି ବର୍ଣ୍ଣନା-ବିଳାସିତାର ପରିଚୟ ପ୍ରଦାନ କର । 15

## SECTION—B

**Q.5. ନିମ୍ନ ପ୍ରଦତ୍ତ ବିଷୟରେ ସଂକ୍ଷିପ୍ତ ଆଲୋଚନା କର । (ପ୍ରତ୍ୟେକ ଆଲୋଚନା 150 ଶବ୍ଦ ମଧ୍ୟରେ ଲେଖିବାକୁ ହେବ ।)** **10×5=50**

Q. 5(a) ମନୁଷ୍ୟ ଜୀବନର ରହସ୍ୟ ଉଦ୍‌ଘାଟନ ଓ ବ୍ୟକ୍ତି ଚେତନାର ପୁଙ୍ଖାନୁପୁଙ୍ଖ ବିଶ୍ଳେଷଣରେ 'କାଠଘୋଡ଼ା' ନାଟକର ଭୂମିକା ନିରୂପଣ କର । 10

Q. 5(b) ପୁରାଣ, ଇତିହାସ ଓ ବୌଦ୍ଧ ଜାତକର ବିଭିନ୍ନ ଆଖ୍ୟାୟିକା ଉପରେ 'ମରାଳର ମୃତ୍ୟୁ' ଗଳ୍ପ ସଂକଳନ ରଚିତ – ପ୍ରମାଣ କର । 10

www.prepp.in

Prepp
Your Personal Exams Guide

Q. 5(c) 'ଛ'ମାଣ ଆଠଗୁଣ୍ଠ' ଉପନ୍ୟାସ ଅବଲମ୍ବନରେ ତତ୍କାଳୀନ ଓଡ଼ିଶାର ସାମାଜିକ ଚିତ୍ର ପ୍ରଦାନ କର । 10

Q. 5(d) 'ଦାନାପାଣି' ଉପନ୍ୟାସର ସରୋଜିନୀ ଚରିତ୍ରର ବୈଶିଷ୍ଟ୍ୟ ନିରୂପଣ କର । 10

Q. 5(e) ଆବେଗଧର୍ମୀ ଭାବ ଓ କାବ୍ୟିକ ପରିପ୍ରକାଶର ମଧୁର ସଂଯୋଗରେ ଚନ୍ଦ୍ରଶେଖର ରଥଙ୍କ ପ୍ରବନ୍ଧ ପ୍ରାଣସ୍ପର୍ଶୀ - 'ମୁଁ ସତ୍ୟଧର୍ମା କହୁଛି' ଗ୍ରନ୍ଥ ଅନୁସରଣରେ ସତ୍ୟତା ପ୍ରମାଣ କର । 10

**Q.6. ନିମ୍ନ ପ୍ରଦତ୍ତ ପ୍ରତ୍ୟେକ ବିଷୟରେ ଆଲୋଚନା କର ।**

Q. 6(a) ଉଚ୍ଚମାନର ମଞ୍ଚକଳା ଓ ବୌଦ୍ଧିକତା ଦୃଷ୍ଟିକୋଣରୁ 'ତଟ ନିରଞ୍ଜନା' ଏକ ପରୀକ୍ଷାଧର୍ମୀ ନାଟକ - ଆଲୋଚନା କର । 20

Q. 6(b) ମୌଳିକ ଚିନ୍ତା ଓ ଚେତନା, ଜୀବନ୍ତ ଭାଷା ଓ ଭାବଗର୍ଭକ ବିଶ୍ଳେଷଣଧର୍ମୀ ଶୈଳୀ ହେଉଛି ଚିତ୍ତରଞ୍ଜନ ଦାସଙ୍କ ପ୍ରବନ୍ଧର ବୈଶିଷ୍ଟ୍ୟ - 'ତରଙ୍ଗ ଓ ତଡ଼ିତ୍' ର ପଠିତାଂଶ ପ୍ରବନ୍ଧ ଭିତ୍ତିରେ ଆଲୋଚନା କର । 15

Q. 6(c) ମନୋଜ ଦାସଙ୍କ ଶୈଳୀ ତାଙ୍କ ଗଳ୍ପର ଏକ ଆକର୍ଷଣୀୟ ଦିଗ - 'ଲକ୍ଷ୍ମୀର ଅଭିସାର' ଗ୍ରନ୍ଥ ଅବଲମ୍ବନରେ ବିଚାର କର । 15

**Q.7. ନିମ୍ନ ପ୍ରଦତ୍ତ ପ୍ରତ୍ୟେକ ବିଷୟରେ ଆଲୋଚନା କର ।**

Q. 7(a) 'ତରଙ୍ଗ ଓ ତଡ଼ିତ୍' ଗ୍ରନ୍ଥର 'ଆଧୁନିକ ଜର୍ମାନ ସାହିତ୍ୟ' ପ୍ରବନ୍ଧରେ ଚିତ୍ତରଞ୍ଜନ ଦାସଙ୍କର ଜର୍ମାନ ସାହିତ୍ୟ ଆଲୋଚନା ଉପରେ ଆଲୋକପାତ କର । 20

Q. 7(b) ବିଭିନ୍ନ ମାର୍ଗ ଦେଇ ସରକାରୀ ସେବା ବୃତ୍ତିରେ ଉପରକୁ ଉଠିବାର ଆଶା କିପରି 'ଦାନାପାଣି' ଉପନ୍ୟାସରେ ପ୍ରତିଫଳିତ - ଆଲୋଚନା କର । 15

Q. 7(c) ଆଭାସଧର୍ମୀ ସଂଳାପ ମାଧ୍ୟମରେ ମଣିଷର ଅବଚେତନ ମାନସର ଚିତ୍ର ଅଙ୍କନ କରିବାରେ ମନୋରଞ୍ଜନ ଦାସ ସିଦ୍ଧହସ୍ତ - 'କାଠ ଘୋଡ଼ା' ଅବଲମ୍ବନରେ ଆଲୋଚନା କର । 15

**Q.8. ନିମ୍ନ ପ୍ରଦତ୍ତ ପ୍ରତ୍ୟେକ ବିଷୟରେ ଆଲୋଚନା କର ।**

Q. 8(a) ଆଙ୍ଗିକ ଓ ଆତ୍ମିକ ଦୃଷ୍ଟିକୋଣରୁ ସୁରେନ୍ଦ୍ର ମହାନ୍ତିଙ୍କ ଗଳ୍ପ ଉଚ୍ଚକୋଟୀର, 'ମରାଳର ମୃତ୍ୟୁ' ଅବଲମ୍ବନରେ ବିଶ୍ଳେଷଣ କର । 20

Q. 8(b) ଜଣେ ଐତିହ୍ୟ ଓ ସଂସ୍କୃତି ସଚେତନ ପ୍ରାବନ୍ଧିକ ଭାବରେ ଚନ୍ଦ୍ରଶେଖର ରଥ ପରିଚିତ । 'ମୁଁ ସତ୍ୟଧର୍ମା କହୁଛି'ର ନିର୍ଦ୍ଦେଶିତ ପ୍ରବନ୍ଧ ଅବଲମ୍ବନରେ ସତ୍ୟତା ପ୍ରମାଣ କର । 15

Q. 8(c) 'ଛ'ମାଣ ଆଠଗୁଣ୍ଠ' ଉପନ୍ୟାସରେ ବର୍ଣ୍ଣିତ ନାରୀ ଚରିତ୍ର ଚିତ୍ରଣରେ ଫକୀର ମୋହନଙ୍କ କୃତିତ୍ୱ ଆଲୋଚନା କର । 15